# NATIONAL NEWS BULLETIN (ODIA)
## 02 nd September - 2024
## Evening Bulletin : 7.15 p.m.

*******************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସୁବାସ ଚନ୍ଦ୍ର ଶତପଥୀ**

## ମୁଖ୍ୟ ସମ୍ବାଦ

- କୃଷକମାନଙ୍କ ଜୀବନଶୈଳୀ ଏବଂ ରୋଜଗାର ବୃଦ୍ଧି କରିବା ପାଇଁ ୧୩ ହଜାର ୯୬୬ କୋଟି ଟଙ୍କା ବ୍ୟୟ ଅଟକଳରେ ୭ଟି ଯୋଜନାକୁ କ୍ୟାବିନେଟ୍ କଲା ଅନୁମୋଦନ ।
- ତିନିଦିନିଆ ମହାରାଷ୍ଟ୍ର ଗସ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ସଦସ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ କଲେ ବିଜେପି ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ନୂଆଦିଲ୍ଲୀରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ କୃଷି ବୀମା ପାଣ୍ଠି ଓ କୃଷି ନିବେଶ ପୋର୍ଟାଲର ଆସନ୍ତାକାଲି କରିବେ ଶୁଭାରମ୍ଭ ।

ଏବଂ

- ମହାରାଷ୍ଟ୍ର ଓ ତେଲଙ୍ଗାନାରେ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ବାଧାପ୍ରାପ୍ତ ।

## କ୍ୟାବିନେଟ୍

କୃଷକମାନଙ୍କ ଜୀବନଶୈଳୀ ଏବଂ ରୋଜଗାରକୁ ବୃଦ୍ଧି କରିବା ପାଇଁ କ୍ୟାବିନେଟ୍ ୧୩ ହଜାର ୯୬୬ କୋଟି ଟଙ୍କା ବ୍ୟୟ ଅଟକଳରେ ୭ଟି ଯୋଜନାକୁ ଅନୁମୋଦନ କରିଛି ।

ଏହି ଯୋଜନା ମଧ୍ୟରେ ୨ ହଜାର ୮୧୭ କୋଟି ଟଙ୍କା ବ୍ୟୟରେ ଡିଜିଟାଲ କୃଷି ମିଶନକୁ ଅନୁମୋଦନ କରାଯାଇଛି । ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଅପରାହ୍ନରେ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି କହିଛନ୍ତି, କୃଷକମାନଙ୍କ ଜୀବନରେ ଉନ୍ନତି ଆଣିବା ଏବଂ ସେମାନଙ୍କ ଆୟ ବୃଦ୍ଧି ପାଇଁ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନେଇଛି । ସେ କହିଛନ୍ତି, କୃଷି ପାଇଁ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଭଳି ଡିଜିଟାଲ କୃଷି ମିଶନ ବିକଶିତ କରାଯାଉଛି ।

ମୋଟ ୩ ହଜାର ୯୭୯ କୋଟି ଟଙ୍କା ବ୍ୟୟରେ ଖାଦ୍ୟ ଓ ପୋଷଣ ନିରାପତ୍ତା ପାଇଁ ଫସଲ ବିଜ୍ଞାନକୁ କ୍ୟାବିନେଟ୍ ଅନୁମୋଦନ କରିଛି ।

ସେହିଭଳି ୨ ହଜାର ୨୯୧ କୋଟି ଟଙ୍କା ବ୍ୟୟରେ କୃଷି ଶିକ୍ଷା, ପରିଚାଳନା ଓ ସାମାଜିକ ବିଜ୍ଞାନକୁ ସୁଦୃଢ଼ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ୧ ହଜାର ୭୦୨ କୋଟି ଟଙ୍କା ବ୍ୟୟରେ ସ୍ଥାୟୀ ପ୍ରାଣୀସମ୍ପଦ

ସ୍ୱାସ୍ଥ୍ୟ ଓ ଉତ୍ପାଦନକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିବା ସହ ୮୬୦ କୋଟି ଟଙ୍କା ବ୍ୟୟରେ ଉଦ୍ୟାନ କୃଷିର ସ୍ଥାୟୀ ବିକାଶକୁ ମଞ୍ଜୁରି ମିଳିଛି। କେନ୍ଦ୍ର କ୍ୟାବିନେଟ୍ ୧ ହଜାର ୨୦୨ କୋଟି ଟଙ୍କା ବ୍ୟୟରେ କୃଷି ବିଜ୍ଞାନ କେନ୍ଦ୍ର ଏବଂ ୧୧ ଶହ ୧୫ କୋଟି ଟଙ୍କା ବ୍ୟୟରେ ପ୍ରାକୃତିକ ସମ୍ପଦ ପରିଚାଳନାକୁ ସୁଦୃଢ଼ କରିବାକୁ ନିଷ୍ପତ୍ତି ନେଇଛି।

୧୮ ହଜାର ୩୬ କୋଟି ଟଙ୍କା ବ୍ୟୟରେ ଦୁଇଟି ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ମୁମ୍ବାଇ ଓ ଇନ୍ଦୋର ମଧ୍ୟରେ ସର୍ବନିମ୍ନ ରେଳ ସଂଯୋଗ ପ୍ରଦାନ କରୁଥିବା ୩୦୯ କିଲୋମିଟର ଲମ୍ବା ନୂତନ ଲାଇନ୍ ପ୍ରକଳ୍ପକୁ ମଧ୍ୟ କ୍ୟାବିନେଟ୍ ଆଜି ଅନୁମୋଦନ କରିଛି। ୨୦୨୮-୨୯ ସୁଦ୍ଧା ଏହି ପ୍ରକଳ୍ପ ଶେଷ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## କ୍ୟାବିନେଟ୍ ସେମିକଣ୍ଡକ୍ଟର

ଗୁଜୁରାଟର ସାନନ୍ଦଠାରେ ସେମିକଣ୍ଡକ୍ଟର ୟୁନିଟ୍ ସ୍ଥାପନ ପାଇଁ କାଏନ୍ସ ସେମିକନ୍ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଉଚ୍ଚମାନର ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ବିକଶିତ କରିବା ଉଦ୍ଦେଶ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି। ୩ ହଜାର ୩୦୦ କୋଟି ଟଙ୍କା ବିନିଯୋଗରେ ଏହି ପ୍ରସ୍ତାବିତ ୟୁନିଟ୍ ସ୍ଥାପନ କରାଯିବ।

ଏହି ୟୁନିଟ୍ ଦୈନିକ ୬୦ ଲକ୍ଷ ଚିପ୍ ଉତ୍ପାଦନ କରିବାର କ୍ଷମତା ରଖୁଥିବା ଜଣାପଡ଼ିଛି। ଏଥିରୁ ଶିଳ୍ପଭିତ୍ତିକ, ଅଟୋମୋବାଇଲ୍, ବୈଦ୍ୟୁତିକ

ଯାନ, ବୈଦ୍ୟୁତିକ ଉପକରଣ, ଟେଲିକମ୍ ଏବଂ ମୋବାଇଲ୍ ଫୋନ୍ ଆଦିରେ ଏହି ଚିପ୍ ବ୍ୟବହାର କରାଯିବ।

ଭାରତରେ ସେମିକଣ୍ଡକ୍ଟର ଏବଂ ଡିସପ୍ଲେ ଉତ୍ପାଦନ ଇକୋସିଷ୍ଟମର ବିକାଶ ପାଇଁ ୨୦୨୧ ଡିସେମ୍ବରରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା, ଯେଉଁଥିରେ ମୋଟ ୭୬ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ।

୪ଟି ସେମିକଣ୍ଡକ୍ଟର ୟୁନିଟ୍‌ର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଏଥିରେ ପ୍ରାୟ ଦେଢ଼ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହେବ ବୋଲି ଆକଳନ କରାଯାଇଛି। ଏହି ୟୁନିଟ୍ ଗୁଡ଼ିକର ସମୁଦାୟ ଉତ୍ପାଦନ କ୍ଷମତା ଦୈନିକ ପ୍ରାୟ ସାତ କୋଟି ଚିପ୍‌ସ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## ପ୍ରେଜ୍- ମହାରାଷ୍ଟ୍ର ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତିନି ଦିନିଆ ମହାରାଷ୍ଟ୍ର ଗସ୍ତରେ ଯାଇ କୋହ୍ଲାପୁରରେ ପହଞ୍ଚିଛନ୍ତି। ମହାରାଷ୍ଟ୍ର ରାଜ୍ୟପାଳ ସି.ପି ରାଧାକ୍ରିଷ୍ଣନ୍ ସେଠାରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଛନ୍ତି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସେଠାରେ ପହଁଞ୍ଚିବା ପରେ କରବୀର ନିବାସିନୀ ଶ୍ରୀ ମହାଲକ୍ଷ୍ମୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ।

ସହଯୋଗ ମାଧ୍ୟମରେ ଶିଳ୍ପ ଓ ଶିକ୍ଷା କ୍ଷେତ୍ରରେ ସଠିକ ଭାବେ କାର୍ଯ୍ୟ କରୁଥିବା ଅନୁଷ୍ଠାନ ଦେଶର ବିକାଶରେ ଉଲ୍ଲେଖନୀୟ ଅବଦାନ ଦେଇଥାଏ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଆଜି ମହାରାଷ୍ଟ୍ରର କୋହ୍ଲାପୁରର

ଓ୍ୱାରାନାନଗରଠାରେ ଶ୍ରୀ ବରାଣା ମହିଳା ସମବାୟ ମଲ୍‌ଟି ଇଣ୍ଡଷ୍ଟ୍ରି ଗ୍ରୁପର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେଇ ସେ ଏହା କହିଛନ୍ତି। ରାଜ୍ୟପାଳ ସି.ପିରାଧାକ୍ରିଷ୍ଣନ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ଼ସେ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଏହି ଅବସରରେ ଉପସ୍ଥିତ ଥିଲେ।

ପୁଣେରେ ସିମ୍ବାୟୋସିସ୍ ଆନ୍ତର୍ଜାତିକ ଡିମ୍‌ଡ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଆସନ୍ତାକାଲି ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହା ସହ ମୁମ୍ବାଇରେ ମହାରାଷ୍ଟ୍ର ବିଧାନ ପରିଷଦର ଶତବାର୍ଷିକୀ ସମାରୋହରେ ମଧ୍ୟ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଯୋଗଦେବେ। ଏହି ଗସ୍ତର ଶେଷ ଦିନ ଆସନ୍ତା ବୁଧବାର ରାଷ୍ଟ୍ରପତି ଲାତୁରର ଉଦଗିରସ୍ଥିତ ବୁଦ୍ଧବିହାର ଉଦ୍‌ଘାଟନ କରିବା ସହ 'ଶାସନ ଆପ୍ଲ୍ୟା ଦାରି' ଏବଂ 'ମୁଖ୍ୟମନ୍ତ୍ରୀ ମାଝୀ ଲାଡକି ବାହିନ୍ ଯୋଜନା'ର ହିତାଧିକାରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି।

## ବିଜେପି-ସଦସ୍ୟତା

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ସଦସ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ଯୋଗ ଦେଇ କହିଛନ୍ତି, ବିଜେପି ହେଉଛି ଏକମାତ୍ର ଦଳ ଯିଏ ଭାରତୀୟ ସମ୍ବିଧାନରେ ଅନ୍ତର୍ଭୁକ୍ତ ମୂଲ୍ୟବୋଧ ଅନୁଯାୟୀ କାର୍ଯ୍ୟ କରୁଛି। ଶ୍ରୀ ମୋଦୀ ଦେଶର ପ୍ରଧାନ ସେବକ ଏବଂ ସମସ୍ତ ଦଳୀୟ କର୍ମୀଙ୍କ ପାଇଁ ପ୍ରେରଣା ଓ ଆଦର୍ଶ ବୋଲି ସେ କହିଛନ୍ତି। ଯେତେବେଳେ ବି ଦଳକୁ ତାଙ୍କର ଆବଶ୍ୟକତା ପଡିବ, ପ୍ରଧାନମନ୍ତ୍ରୀ ନିଜ ବ୍ୟସ୍ତବହୁଳ କାର୍ଯ୍ୟସୂଚୀରୁ ସମୟ ବାହାର କରି ସଂଗଠନ ପାଇଁ ଉପସ୍ଥିତ ରହିବାକୁ ସୁନିଶ୍ଚିତ କରିଛନ୍ତି ବୋଲି ଶ୍ରୀ ନଡ୍ଡା କହିଛନ୍ତି।

ଦଳର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଛନ୍ତି, ବିଜେପି କେବଳ ବିଶ୍ୱର ସର୍ବବୃହତ ରାଜନୈତିକ ଦଳ ନୁହେଁ ବରଂ ଏକ ବୃହତ୍ତ ଗଣତାନ୍ତ୍ରିକ ଦଳ। ବିଜେପି ଭଳି ସ୍ୱଚ୍ଛତା ଓ ସଚ୍ଚୋଟତାର ସହ ଅନ୍ୟ କୌଣସି ଦଳ ନିଜର ସଦସ୍ୟତା ଅଭିଯାନ ପରିଚାଳନା କରନ୍ତି ନାହିଁ ବୋଲି ସେ କହିଛନ୍ତି। ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ବିଜେପି ହେଉଛି ମାଧ୍ୟମ ବୋଲି ଶ୍ରୀ ଶାହା କହିଛନ୍ତି।

ଦଳର ବରିଷ୍ଠ ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଆମ ଦଳର କର୍ମୀମାନେ ପ୍ରତିଶ୍ରୁତିକୁ କାର୍ଯ୍ୟରେ ପରିଣତ କରିବା ଦରକାର, ସେଥିପାଇଁ ବିଜେପି ବିଶ୍ୱର ସବୁଠାରୁ ବିଶ୍ୱସନୀୟ ରାଜନୈତିକ ଦଳ ଭାବେ ଉଭା ହୋଇଛି।

## ଏଗ୍ରିସ୍ୟୁର୍ ଏଆଇଏଫ୍- ଶିବରାଜ

ନୂଆଦିଲ୍ଲୀରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ଆସନ୍ତାକାଲି କୃଷି ବୀମା ପାଣ୍ଠି ଏବଂ କୃଷି ନିବେଶ ପୋର୍ଟାଲର ଶୁଭାରମ୍ଭ କରିବେ। ମନ୍ତ୍ରୀ ଶ୍ରୀ ଚୌହ୍ୱାନ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ବ୍ୟାଙ୍କ ଏବଂ ରାଜ୍ୟମାନଙ୍କୁ କୃଷି ଭିତ୍ତିଭୂମି ପାଣ୍ଠି- ଏ.ଆଇ.ଏଫ୍ ଉତ୍କର୍ଷ ପୁରସ୍କାର ପ୍ରଦାନ କରିବେ। ଏହି ସମାରୋହରେ ରାଷ୍ଟ୍ରମନ୍ତ୍ରୀ ଏବଂ ବିଭିନ୍ନ ରାଜ୍ୟ ଓ ବ୍ୟାଙ୍କର ପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ପୁରସ୍କାର ସମାରୋହ ଅନ୍ୟ ବ୍ୟାଙ୍କଗୁଡ଼ିକୁ ସେମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି କରିବାକୁ ପ୍ରେରଣା ଦେବା ସହ ଯୋଜନାର ସାମଗ୍ରିକ ସଫଳତାରେ ଯୋଗଦାନ ବୃଦ୍ଧି କରିବ। ଏହି କୃଷି ଭିତ୍ତିଭୂମି ପାଣ୍ଠି- ଏ.ଆଇ.ଏଫ୍. ଯୋଜନା-୨୦୨୨ରେ କୃଷି ଅମଳ ପରବର୍ତ୍ତୀ ପରିଚାଳନା ଭିତ୍ତିଭୂମି ଏବଂ କୃଷକମାନଙ୍କ ପାଇଁ କୃଷି ଯନ୍ତ୍ରପାତି ଯୋଗାଖଇ ଦେବାକୁ ଆରମ୍ଭ କରାଯାଇଥିଲା।

## ପିଏମ୍-ଅବନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ୟାରିସ ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ଜିତିଥିବା ଅବନୀ ଲେଖାରାଙ୍କ ସହ କଥାବାର୍ତ୍ତା କରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ସେ ଚଳିତ ପାରା ଅଲିମ୍ପିକ୍ସରେ ଉତ୍ତମ

ପ୍ରଦର୍ଶନ କରିଛନ୍ତି ଏବଂ ଆଗକୁ ମଧ୍ୟ ସେ ଏହି ଧାରା ବଜାୟ ରଖିବେ ବୋଲି ଶ୍ରୀ ମୋଦୀ ଆଶାପ୍ରକାଶ କରିଛନ୍ତି ।

## ଏମ୍ସ- ଆଇ କନଫରେନ୍ସ

ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ- ଦିଲ୍ଲୀ ଏମ୍ସ ପକ୍ଷରୁ ୩୯ତମ ଜାତୀୟ ଚକ୍ଷୁଦାନ ସପ୍ତାହ ଅବସରରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ଚକ୍ଷୁ ବ୍ୟାଙ୍କ ଅଧ୍ୟକ୍ଷା ଡକ୍ଟର ରାଧିକା ଟଣ୍ଡନ ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରି କର୍ନିଆ ପ୍ରତିରୋପଣର ଗୁରୁତ୍ୱ ଏବଂ ଜନସଚେତନତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଆକାଶବାଣୀ ସମ୍ବାଦଦାତାଙ୍କ ସହ କଥାବାର୍ତ୍ତା କରି ଡାକ୍ତର ଟଣ୍ଡନ ଚକ୍ଷୁଦାନକୁ ନେଇ ସୃଷ୍ଟି ହୋଇଥିବା ଅନ୍ଧବିଶ୍ୱାସ ବିରୁଦ୍ଧରେ ସମସ୍ତଙ୍କୁ ସଚେତନ କରାଇଥିଲେ । ଏହି ଚକ୍ଷୁଦାନ ଫଳରେ ଅନେକଙ୍କ ଜୀବନରେ ପରିବର୍ତ୍ତନ ଆସିଥାଏ ବୋଲି ସେ କହିଥିଲେ ।

## ମହାରାଷ୍ଟ୍ର-ତେଲଙ୍ଗାନା ରେନ୍

ମହାରାଷ୍ଟ୍ରର ମରାଠାୱାଡ଼ା ଅଞ୍ଚଳରେ ପ୍ରବଳ ବର୍ଷା ଜାରି ରହିଥିବାରୁ ସାଧାରଣ ଜନଜୀବନ ବାଧାପ୍ରାପ୍ତ ହୋଇଛି । ଏହି ବର୍ଷା ବିପ୍ୟାତ ଯୋଗୁଁ ଫସଲ ହାନୀ ଘଟିଛି । ରାଜ୍ୟର ପରଭଣୀ, ନାନ୍ଦେଡ଼, ବିଡ୍, ଜାଲନା ଓ ହିଙ୍ଗୋଲି ଜିଲ୍ଲା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ରାସ୍ତା ଓ ରାଜପଥରେ ଗାଡ଼ି ଚଳାଚଳ ବନ୍ଦ ରହିଛି ।

ପ୍ରବଳ ବର୍ଷା ଯୋଗୁଁ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ଜିଲ୍ଲା ପ୍ରଶାସନକୁ ସହାୟତା କରିବାକୁ ସେନା ଏବଂ ଡାକ୍ତରୀ ଦଳ ନିୟୋଜିତ ହୋଇଛନ୍ତି।

ସେହିପରି ତେଲଙ୍ଗାନାରେ ମଧ୍ୟ ପ୍ରବଳ ବର୍ଷାରେ ୧୬ ଜଣ ପ୍ରାଣ ହରାଇଛନ୍ତି। ରାଜ୍ୟ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡି. ଶ୍ରୀଧର ବାବୁ ହାଇଦ୍ରାବାଦରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରାଜ୍ୟରେ ପ୍ରବଳ ବର୍ଷା ଯୋଗୁଁ  ଜିଲ୍ଲାର ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି। ରାଜ୍ୟ ସରକାର ରିଲିଫ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିଛନ୍ତି । ରାଜ୍ୟର ଖମ୍ମାମ, ମେହାବୁବାବାଦ ଏବଂ ସୂର୍ଯ୍ୟପେଟର କିଛି ଅଞ୍ଚଳ ପ୍ରଭାବିତ ହୋଇଛି। ଏହି ବର୍ଷା ଓ ବନ୍ୟାରେ ପ୍ରାଣ ହରାଇଥିବା ଆତ୍ମୀୟସ୍ୱଜନଙ୍କ ପାଇଁ ରାଜ୍ୟ ସରକାର ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।  ମୁଖ୍ୟମନ୍ତ୍ରୀ ଏ.ରେବନ୍ତ ରେଡ୍ଡୀ ଖମ୍ମାମ ଜିଲ୍ଲାର ପ୍ରଭାବିତ ଅଞ୍ଚଳ ଅନୁଧ୍ୟାନ କରିଛନ୍ତି।

*****